# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 21 July – 2025

*************************************************************

# ଢେ ମନ୍‌ସୁନ ସେସନ

ସଂସଦର ମୌସୁମୀ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ଏହା ପୂର୍ବରୁ ଗତକାଲି ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଅଧିବେଶନ କାଳରେ ଉଭୟ ସଦନକୁ ସୁରୁଖୁରୁରେ ଚଳାଇବା ଲାଗି ସରକାର ସମସ୍ତ ରାଜନୈତିକ ଦଳ ଗୁଡ଼ିକ ସହ ସହମତି ନେଇ ଆଲୋଚନା କରିଛନ୍ତି । ବୈଠକରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଯୋଗ ଦେଇଥିଲେ ।

ସଂସଦର ମୌସୁମୀ ଅଧିବେଶନ ଅଗଷ୍ଟ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅଧିବେଶନ କାଳରେ ଉଭୟ ଗୃହରେ ୨୧ଟି ଲେଖାଏଁ କାର୍ଯ୍ୟଦିବସ ରହିଛି । ସୂଚନା ଅନୁଯାୟୀ ମୌସୁମୀ ଅଧିବେଶନ କାଳରେ ୧୫ଟି ବିଧେୟକ ଉପସ୍ଥାପନ କରାଯିବାର କାର୍ଯ୍ୟସୂଚୀ ରହିଛି । ଏଥିମଧ୍ୟରେ ଆୟକର ବିଧେୟକ–୨୦୨୫, ଜନବିଶ୍ୱାସ ବିଧେୟକ, ଜାତୀୟ କ୍ରୀଡ଼ା ପ୍ରଶାସନ ବିଧେୟକ ଏବଂ ଅନ୍ୟକେତେକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଉପସ୍ଥାପନ ହେବାର ସମ୍ଭାବନା ରହିଛି ।

# ରାଜସ୍ୱ ଅଧିକାରୀ

ଜମିଜମା ପଞ୍ଜୀକରଣ କ୍ଷେତ୍ରରେ ବେଆଇନ କାର୍ଯ୍ୟ କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ରାଜସ୍ୱ ଅଧିକାରୀଙ୍କ ସମ୍ମିଳନୀରେ ଯୋଗଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବେଆଇନ କାର୍ଯ୍ୟ କରି ଅବସର ନେଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅନ୍ୟପକ୍ଷରେ କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରାଯାଇ କର୍ମଚାରୀଙ୍କ ପ୍ରଦର୍ଶନ ମୂଲ୍ୟାୟନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି-

**V/O**

# ଫାଟକ ସଂଯୋଗୀକରଣ

ରାଜ୍ୟ ସରକାର ଜଳର ସର୍ବୋତ୍ତମ ଉପଯୋଗ ନିମନ୍ତେ ଫାଟକ ବିହୀନ ଡ୍ୟାମଗୁଡିକରେ ଫାଟକ ସଂଯୋଗୀକରଣ ଯୋଜନା କାର୍ଯ୍ୟକାରୀ କରିବେ । କ୍ୟାବିନେଟ ବୈଠକରେ ଏଥିଲାଗି ୨୩୯କୋଟିରୁ ଅଧିକ ଟଙ୍କାର ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏହି ଯୋଜନାରେ ଫାଟକ ବିହୀନ ୧୨ଟି ମଧ୍ୟମ ଜଳସେଚନ ପ୍ରକଳ୍ପ ଓ ୪୭ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ସ୍ୱଂୟଚାଳିତ ହାଇଡ୍ରୋଲିକ୍ ଫାଟକ ବ୍ୟବହାର କରାଯାଇ ଅଧିକ ଜଳ ସଂରକ୍ଷଣ କରାଯିବ । ଏହା ଦ୍ୱାରା ୧୨୪ ମିଲିୟନ କ୍ୟୁବିକ୍ ମିଟର ଅତିରିକ୍ତ ଜଳଧାରଣ କ୍ଷମତା ସୃଷ୍ଟି ହେବା ସହ ୨ହଜାର ୭୫୦ହେକ୍ଟର ଅତିରିକ୍ତ ସେଚ ଅଞ୍ଚଳ ସୃଷ୍ଟି କରାଯାଇପାରିବ ।

## ସ୍ୱଂୟଚାଳିତ ଫାଟକ

ରାଜ୍ୟରେ ଥିବା ଡ୍ୟାମ ଓ ବ୍ୟାରେଜଗୁଡିକୁ ସୁଗମ ଯାତାୟତ ନିଶ୍ଚିତ କରିବା ଲାଗି ଉନ୍ନତ ବୈଜ୍ଞାନିକ ସ୍କାଡା ପ୍ରକ୍ରିୟା ଉପଯୋଗ କରାଯିବ । ଫାଟକଗୁଡିକର ସୁପରିଚାଳନା ନିମନ୍ତେ ସ୍ୱଂୟଚାଳିତ ଫାଟକ ଯୋଜନା କାର୍ଯ୍ୟକାରୀ ହେବ । କ୍ୟାବିନେଟ ବୈଠକରେ ଏହି ଯୋଜନା ଲାଗି ୮୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ୧୪ଟି ଡ୍ୟାମର ୭୬ଟି ଫାଟକ, ୧୦ଟି ବ୍ୟାରେଜର ୧୫୩ଟି ଫାଟକ ଏବଂ ୨୭ଟି ଅନ୍ତଃ ନଦୀ ଜଳାଶୟର ୩୪୪ଟି ଫାଟକକୁ ଏହି ଯୋଜନାରେ ସ୍ୱଂୟଚାଳିତ ଫାଟକରେ ପରିଣତ କରାଯିବ ।

## ବଳଙ୍ଗା ପୀଡିତା

ବଳଙ୍ଗା ପୀଡିତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଥିବା ଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥାନ ପକ୍ଷରୁ ସୂଚନା ମିଳିଛି । ଏମ୍ସ ପକ୍ଷରୁ ଜାରି ବିବୃତ୍ତି ଅନୁଯାୟୀ ପୀଡିତାଙ୍କୁ ବର୍ଣ୍ଣ ଏବଂ ପ୍ଲାଷ୍ଟିକ ସର୍ଜରୀ ବ୍ଲକରେ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଛି । ସେ ଅକ୍ସିଜେନ ସହାୟତାରେ ରହିଥିବା କୁହାଯାଇଛି । ପୀଡିତାଙ୍କୁ ଦିଲ୍ଲୀ ସ୍ଥାନାନ୍ତର କରିବା ପୂର୍ବରୁ ଭୁବନେଶ୍ୱର ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ଆଶୁତୋଷ ବିଶ୍ୱାସ ପୀଡିତାଙ୍କ ହୃଦରୋଗ ଚିକିତ୍ସା ଆବଶ୍ୟକ ବୋଲି କହିଥିଲେ । ଗତକାଲି ସର୍ବୋତ୍ତମ ଚିକିତ୍ସା ବ୍ୟବସ୍ଥା ନିମନ୍ତେ ଏକ ସ୍ୱତନ୍ତ୍ର ଏୟାର ଆମ୍ବୁଲାନ୍ସ ଯୋଗେ ପୀଡିତାଙ୍କୁ ଦିଲ୍ଲୀ ନିଆଯାଇଥିଲା ।

ଅନ୍ୟପକ୍ଷରେ ଘଟଣାରେ ଅଭିଯୁକ୍ତଙ୍କୁ ଖୋଜି ବାହାର କରିବା ଲାଗି ପୁଲିସ୍ ପକ୍ଷରୁ ତଦନ୍ତ ଜାରି ରହିଛି । ପୁଲିସ୍ ମହାନିର୍ଦ୍ଦେଶକ ଓ୍ୱାଇ. ବି. ଖୁରାନିଆ ଗତକାଲି ବାୟାବର ଗ୍ରାମରେ ପହଞ୍ଚି ଅଘଟଣ ଘଟିଥିବା ସ୍ଥାନରେ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଖୁରାନିଆ କହିଛନ୍ତି, ନାବାଳିକା ପୋଡ଼ି ଘଟଣାରେ  ଅନେକ ତଥ୍ୟ ମିଳିପାରିଛି ।

# ଚାରାରୋପଣ

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ 'ଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଛି। କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ସଦସ୍ୟମାନେ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ଚାରାରୋପଣ କରିଛନ୍ତି ।

# ସାହାଣୀ କପ୍

ସାହାଣୀ କପ୍ ଫୁଟବଲ ଚାମ୍ପିୟନସିପ ବ୍ରହ୍ମପୁର ଜୋନର ପଞ୍ଚମ ଦିନରେ ନବରଙ୍ଗପୁର ୨-୧ଗୋଲରେ ଗଞ୍ଜାମକୁ ପରାସ୍ତ କରିଥିବାବେଳେ ଭୁବନେଶ୍ୱର ୩-୨ଗୋଲରେ ଗଜପତିକୁ ପରାସ୍ତ କରିଛି ।

# ଚୟନ ଶିବିର

ଚଳିତମାସ ୨୬ ଓ ୨୭ ତାରିଖ ଦୁଇଦିନ ରାଜ୍ୟସ୍ତରୀୟ ସବ୍‌ଜୁନିୟର ବାଳକ ଓ ବାଳିକା ବର୍ଗ ପ୍ରତିଯୋଗିତା  ରାଉରକେଲାରେ ଅନୁଷ୍ଠିତ ହେବ । ଏଥିପାଇଁ ଆସନ୍ତାକାଲି ବ୍ରହ୍ମପୁର ସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚୟନ ଶିବିର ଆୟୋଜନ ହେବ । ଯୋଗ୍ୟ ଖେଳାଳୀମାନଙ୍କୁ ନିଜର ଆଧାରକାର୍ଡ,

ଜନ୍ମପ୍ରମାଣପତ୍ର ଓ ଦୁଇଟି ଫଟୋ ସହ ଉପସ୍ଥିତ ରହିବାକୁ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗର ସହ ଦକ୍ଷିଣ ଓଡିଶା ଓ ଉପକୂଳ ଆନ୍ଧ୍ରପ୍ରଦେଶ ମଧ୍ୟରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ପ୍ରଭାବରେ ଦକ୍ଷିଣ ଓଡିଶାର ଅନେକ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ ଆସନ୍ତା ୨୪ଘଣ୍ଟା ମଧ୍ୟରେ ୧୯ଟି ଜିଲ୍ଲାକୁ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ସେହି ସବୁ ଜିଲ୍ଲାରେ ବ୍ରଜପାତ ସହ ଘଣ୍ଟାପ୍ରତି ୩୦ରୁ ୪୦କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି ।

*************************************************************